
# ୧୨ ଜିଲାରେ ଚକଡ଼ା ପୋକ



ଭୁବନେଶ୍ୱର, ୧୮।୧୦ (ନି.ପ୍ର): ଆଉ କିଛିଦିନ ଗଲେ ଅମଳ ହୋଇଥାନ୍ତା ଧାନ; କିନ୍ତୁ ଏବେ ବିଲରେ ଶୁଖିଲା ଧାନଗଛ ଗଦା ହୋଇଛି। ଧାନ ଗଛ ମୂଳରୁ ରସ ଶୋଷି ନେଉଛନ୍ତି ଚକଡା ପୋକ। ଜମିରେ ପଡ଼ି ରହୁଛି କୁଢକୁଢ କୁଟାପାଳ। ରାଜ୍ୟର ୧୨ଟି ଜିଲାରେ ଶହ ଶହ ହେକ୍ଟର ଜମିରେ ଚକଡ଼ା ପୋକର ଆତଙ୍କ ଦେଖିବାକୁ ମିଳୁଛି। ଚକଡା ପୋକ, ମାଟିଆଗୁଣ୍ଡି ଏବଂ ଲେଡା ପୋକ ଧାନଗଛରେ ଲାଗି ଗଛକୁ ଖାଇ ଦେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ନିଜ ଫସଲର ଏପରି ଅବସ୍ଥାରେ ଚାଷୀଙ୍କ ନିଦ ହଜିଗଲାଣି। ଧାନଗଛରେ କ୍ଷୀର ଢୋକିବା ଏବଂ ଫୁଲ ଧରିବା ସମୟରେ ପୋକ ଲାଗିବା ଦ୍ୱାରା ଫସଲର କ୍ଷତି

▶ ଅବଶିଷ୍ଟାଂଶ ପୃଷ୍ଠା ୧୩

## ୧୨ ଜିଲ୍ଲାରେ...

ହେଉଛି । ଚାଷୀ ହତାଶ ହୋଇ ପଡିଥିବାବେଳେ ପ୍ରତିକାର ପାଇଁ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ବରଗଡ, କୋରାପୁଟ, କେନ୍ଦ୍ରାପଡା, ମୟୂରଭଞ୍ଜ ଏବଂ ନୂଆପଡା ଜିଲାରେ ଧାନ ଫସଲରେ

ଚକଡା ପୋକ ଲାଗି ଫସଲ ନଷ୍ଟ କରୁଛନ୍ତି । କେନ୍ଦୁଝର ଜିଲାରେ ଚକଡା ପୋକ ଆତଙ୍କ ଅଧିକ ରହିଛି । ଜିଲାର ପ୍ରାୟ ୧୧ଟି ବ୍ଲକରେ ଚକଡା ପୋକ ଯୋଗୁଁ ଫସଲ ନଷ୍ଟ ହେବାକୁ ବସିଲାଣି । ଧାର କରଜ କରିଥିବା ଚାଷୀ ଋଣ ସୁଝିବା ପାଇଁ ଚିନ୍ତାରେ ପଡିଛି । ଚଳିତ ବର୍ଷ କେନ୍ଦୁଝର ଜିଲାରେ ଭଲ ବର୍ଷା ହୋଇଥିବାରୁ ଧାନ ଫସଲ ଓ ଅମଳ ଭଲ ହେବ ବୋଲି ଚାଷୀ ଆଶା ରଖିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଚକଡା ପୋକ ଦାଉ ସାଜୁଛି । ଏହି ଜିଲାରେ ଏ ବର୍ଷ ମୋଟ ୧ ଲକ୍ଷ ୫୬ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଫସଲ ହୋଇଛି । ଆଉ ଅଳ୍ପଦିନ ପରେ ଚାଷୀ ତା'ର ପରିଶ୍ରମର ଫଳ ଅମଳ କରିଥାନ୍ତା । ହେଲେ ଜିଲାର ୨୦୮ ହେକ୍ଟର ଧାନ କ୍ଷେତରେ ଚକଡ଼ା ପୋକ, ମାଟିଆଗୁଣ୍ଡି ପୋକ ମାଡିଯାଇଛି । ନୂଆପଡ଼ା ଜିଲା ୫ଟି ବ୍ଲକ୍‌ର ବିଭିନ୍ନ ଗାଁରେ ଧାନ ଫସଲରେ ଚକଡ଼ା ପୋକ ମାଡ଼ିଗଲେଣି । ଔଷଧ ସିଞ୍ଚନ କଲେ ମଧ୍ୟ ପୋକ ମରୁନାହାନ୍ତି । ଜିଲାର ବୋଡ଼େନ, ଖଡ଼ିଆଳ, ସିନାପାଲି, କୋମନା, ନୂଆପଡ଼ା ବ୍ଲକ୍ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ପୋକ ଲାଗିଛି । ଧାନଗଛରେ ଫୁଲ ଧରି ଥୋଡ଼ ବାହାରିଲାଣି । ଚକଡ଼ା ପୋକ ଧାନ ଗଛରେ ଲାଗି ରସ ଶୋଷି ନେଉଥିବାରୁ ଗଛ ସବୁ ନାଲି ପଡ଼ିଯାଉଛି । ଏଭଳି ପରିସ୍ଥିତିରେ ଚାଷୀଙ୍କୁ ସାହାଯ୍ୟ କରିବାକୁ କୌଣସି କୃଷି ଅଧିକାରୀଙ୍କ ଦେଖା ମିଳୁନାହିଁ ।

ଅନ୍ୟପଟେ ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକରେ ୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଚକଡା ପୋକ ଲାଗିବା ଦ୍ୱାରା ଫସଲ ନଷ୍ଟ ହେବାକୁ ବସିଛି । ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ଧାନ ଫସଲ ଖାଇଗଲେଣି ଚକଡା ପୋକ । ଏହି ଅଞ୍ଚଳରେ ପ୍ରାୟ ୧୫ ହେକ୍ଟର ଜମିରେ ଚକଡ଼ା ପୋକ ଲାଗି ଧାନଗଛ ମୂଳରୁ ରସ ଶୋଷି ନେଲେଣି । ରାଜ୍ୟର ଅନେକ ଅଞ୍ଚଳରେ ଧାନ ଫସଲରେ ବ୍ୟାପକ ଭାବରେ ଲେଡ଼ାପୋକ, ମାଟିଆ ଗୁଣ୍ଡି ଓ ଚକଡ଼ା ପୋକ ବୃଦ୍ଧି ହେବା ଯୋଗୁଁ ଧାନ ଫସଲ ନଷ୍ଟ ହେବାରେ ଲାଗିଛି । ଚାଷୀଙ୍କ ଏହି ସମସ୍ୟାର ସମାଧାନ ପାଇଁ କ୍ଷେତ୍ରସ୍ତରରେ କୃଷି ବିଭାଗର ପଦସ୍ଥ ଅଧିକାରୀ ଦେଖା ନ ଦେବା ଅତ୍ୟନ୍ତ ଚିନ୍ତାର ବିଷୟ । ଏଥିପ୍ରତି ସରକାର ଦୃଷ୍ଟି ନ ଦେଲେ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେବେ । କିପରି ଏହାର ପ୍ରତିକାର କରାଯାଇ ପାରିବ ଏଥିପ୍ରତି କୃଷି ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀ ଅମର ପ୍ରଧାନ କହିଛନ୍ତି ।

ଏନେଇ ଜଣେ ଜିଲା କୃଷି ଅଧିକାରୀଙ୍କ କହିବାନୁଯାୟୀ, ଅଧିକ ଥଣ୍ଡା ପଡ଼ିଲେ ଚକଡ଼ା ପୋକ ଲାଗିବା ଆଶଙ୍କା ଅଧିକ ଥାଏ । ବର୍ତ୍ତମାନ ପରିସ୍ଥିତିରେ ବାୟୁମଣ୍ଡଳ ସାମାନ୍ୟ ଗରମ ଥିବାରୁ ବିଶେଷ ଚକଡ଼ା ପୋକ ଲାଗିନାହାନ୍ତି । ତଥାପି କିଛି କ୍ଷେତରେ ଚକଡ଼ା ପୋକ ଲାଗିବା ଆରମ୍ଭ ହୋଇଛି । ଔଷଧ ସିଞ୍ଚନ କଲେ ସ୍ୱାଭାବିକ ହୋଇଯିବ ।